# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**03 June - 2024**

**News Editor : *Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ହେବ ଭୋଟ୍‌ଗଣତି

– ରାଜ୍ୟର ୭୦ଟି କେନ୍ଦ୍ରରେ ଭୋଟ୍‌ଗଣତି ପାଇଁ ବ୍ୟାପକ ପ୍ରସ୍ତୁତି

– ଶାନ୍ତିଶୃଙ୍ଖଳା ପାଇଁ ଅତିରିକ୍ତ ୧୧୫ କମ୍ପାନୀ ପୁଲିସ ମୁତୟନ

- ୧୬ତମ ଓଡ଼ିଶା ବିଧାନସଭାକୁ ଭଙ୍ଗ କଲେ ରାଜ୍ୟପାଳ ରଘୁବର ଦାସ

- ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶିତ

– ୫୬ ହଜାର ୪୭ ଜଣ ପରୀକ୍ଷାର୍ଥୀଙ୍କୁ ରାଙ୍କ କାର୍ଡ

ଏବଂ

- ଆସନ୍ତା ୫ ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାକୁ ପ୍ରବେଶ ପାଇଁ ପାଗ ଅନୁକୂଳ ଥିବା ପାଣିପାଗ କେନ୍ଦ୍ରର ସୂଚନା

*Sambalpur/N.pada/M.giri/Puri/Kandhamal/BHK/Keonjhar*

# ଭୋଟ୍ ଗଣତି

ରାଜ୍ୟର ୧୪୭ଟି ବିଧାନସଭା ଏବଂ ୨୧ଟି ଲୋକସଭା ଆସନ ପାଇଁ ଆସନ୍ତାକାଲି ଭୋଟ୍ ଗଣତି ହେବ । ଏଥିପାଇଁ ପୃଥକ୍ ଭାବେ ୭୦ଟି କେନ୍ଦ୍ରରେ ଭୋଟ୍ ଗଣତି କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି । ସେ କହିଛନ୍ତି, ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍ ଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି । ସକାଳ ୮ଟାରୁ ପ୍ରଥମେ ପୋଷ୍ଟାଲ ବ୍ୟାଲେଟ୍ ଗଣନା ହେବା ପରେ ୮ଟା ୩୦ ମିନିଟ୍‌ରୁ ଇଭିଏମ୍ ଭୋଟ ଗଣନା ହେବ। ଲୋକସଭା ଏବଂ ବିଧାନସଭା ଆସନ ଭୋଟ୍ ଗଣତି ପାଇଁ ଅଲଗା ଅଲଗା ଟେବୁଲ ବ୍ୟବସ୍ଥା କରାଯାଇଛି।

ସେ କହିଛନ୍ତି, ଭୋଟ୍ ଗଣତି କେନ୍ଦ୍ରଗୁଡ଼ିକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଗଣତି କେନ୍ଦ୍ର ଭିତରକୁ ମୋବାଇଲ୍ ନେବାକୁ ମନା କରାଯାଇଛି।

**- V/O -**

ଶ୍ରୀ ଧଳ କହିଛନ୍ତି, ୨୦୧୯ ତୁଳନାରେ ଚଳିତ ବର୍ଷ ମତଦାନ ହାର ବୃଦ୍ଧି ପାଇଛି। ଚଳିତଥର ପ୍ରାୟ ଅଢ଼େଇ କୋଟି ମତଦାତା ଭୋଟ୍ ଦେଇଛନ୍ତି।

**- V/O -**

***Desk***

# ଭୋଟ୍‌ଗଣତି-୨

ଆଇନ ଶୃଙ୍ଖଳା ଏ.ଡି.ଜି. ସଞ୍ଜୟ କୁମାର କହିଛନ୍ତି, ଭୋଟ୍‌ଗଣତି କେନ୍ଦ୍ର ଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଅତିରିକ୍ତ ୧୧୫ କମ୍ପାନୀ ଫୋର୍ସ ମୁତୟନ ରହିବେ । ସେ କହିଛନ୍ତି, ଏହି ସମୟରେ ବିଦ୍ୟୁତକାଟ୍ ହେବ ନାହିଁ । ଏହା ସହ ପାୱାର ବ୍ୟାକଅପ୍ ବ୍ୟବସ୍ଥା ମଧ୍ୟ କରାଯାଇଛି । ସେ କହିଛନ୍ତି, ଗଣତି କେନ୍ଦ୍ର ଭିତରକୁ ମୋବାଇଲ୍ ନେବା ଉପରେ କଟକଣା ଜାରି କରାଯାଇଛି ।

କେନ୍ଦୁଝର ଜିଲ୍ଲାର ୬ଟି କେନ୍ଦ୍ରରେ ଆସନ୍ତାକାଲି ଭୋଟ୍‌ଗଣତି ହେବ । ଏହି ଭୋଟ୍‌ଗଣନା କାର୍ଯ୍ୟରେ ୭୫୯ କର୍ମଚାରୀଙ୍କ ମଧ୍ୟରେ ୨୪୦ ଜଣ ମାଇକ୍ରୋ ଅବଜରଭର୍, ୨୪୦ ଜଣ କାଉଣ୍ଟିଂ ସୁପରଭାଇଜର୍ ଏବଂ ୨ ଶହ ଅଣାଅସୀ ଜଣ କାଉଣ୍ଟିଂ ଆସିଷ୍ଟାଣ୍ଟ ନିୟୋଜିତ ହେବେ ।

ଭଦ୍ରକ ଜିଲ୍ଲାର ଗୋଟିଏ ଲୋକସଭା ଓ ୫ଟି ବିଧାନସଭା ଆସନ ପାଇଁ ଆସନ୍ତାକାଲି ହେବାକୁ ଥିବା ଭୋଟ୍‌ଗଣତିର ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି ବୋଲି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି । ଏଥିପାଇଁ ୨୪ଟି ଟେବୁଲ୍‌ର ବ୍ୟବସ୍ଥା କରାଯାଇଛି ।

କନ୍ଧମାଳ ସଂସଦୀୟ କ୍ଷେତ୍ର ବୌଦ୍ଧ ଓ କଣ୍ଟାମାଳ ବିଧାନସଭା ମଣ୍ଡଳୀରେ ଅନୁଷ୍ଠିତ ହେବାକୁ ଥିବା ଭୋଟ୍‌ଗଣତି ପାଇଁ ଏକ ପ୍ରସ୍ତୁତି ବୈଠକ ବୌଦ୍ଧ ଜିଲ୍ଲାପାଳ ଜେ.ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଓ ଏସ୍.ପି. ମିଳିତଭାବେ ବୌଦ୍ଧ ପଞ୍ଚାୟତ କଲେଜ

ପରିଦର୍ଶନ କରି ଭୋଟ୍‌ଗଣନା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ନିର୍ବାଚନୀ ହିଂସାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସହରର ବିଭିନ୍ନ ଅଞ୍ଚଳରେ ଆଜି ଫ୍ଲାଗମାର୍ଚ୍ଚ କରାଯାଇଛି।

ସମ୍ବଲପୁର ଓ କୁଚିଣ୍ଡା ଗଣନା କେନ୍ଦ୍ରରେ ୧୦ଟି ଟେବୁଲର ବ୍ୟବସ୍ଥା କରାଯାଇଥିବା ବେଳେ ରେଙ୍ଗାଲି ଓ ରେଢ଼ାଖୋଲରେ ୧୨ଟି ଲେଖାଏଁ ଟେବୁଲର ବ୍ୟବସ୍ଥା କରାଯାଇଛି। ଏହି ଗଣନା କାର୍ଯ୍ୟରେ ଜିଲ୍ଲାର ୪୫୧ ଜଣ କର୍ମଚାରୀ ନିୟୋଜିତ ହେବେ ବୋଲି ଜିଲ୍ଲାପାଳ କହିଛନ୍ତି।

ନୂଆପଡ଼ା ଜିଲ୍ଲାରେ ଦୁଇଟି ଭୋଟ୍ ଗଣତି କେନ୍ଦ୍ରରେ ଆସନ୍ତାକାଲି ଭୋଟ୍‌ଗଣନା କରାଯିବ। ସେହିପରି ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ଓ ବୀରମହାରାଜପୁର ଠାରେ ବଲାଙ୍ଗୀର ଲୋକସଭା ଆସନ ସହ ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟ୍‌ଗଣନା କରାଯିବ।

ମାଲକାନଗିରିର ସରକାରୀ ପଲିଟେକନିକ୍ କଲେଜରେ ଆସନ୍ତାକାଲି ଭୋଟ୍‌ଗଣନା କରାଯିବ। ଜିଲ୍ଲାର ମାଲକାନଗିରି ଓ ଚିତ୍ରକୋଣ୍ଡା ବିଧାନସଭା ଆସନ ନବରଙ୍ଗପୁର ସଂସଦୀୟ କ୍ଷେତ୍ର ପାଇଁ ଭୋଟ୍‌ଗଣନା କରାଯିବ।

ପୁରୀ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ଆସନ୍ତାକାଲି ଭୋଟ୍‌ଗଣନା କରାଯିବା ପାଇଁ ସମସ୍ତ ବ୍ୟବସ୍ଥା ଚୂଡ଼ାନ୍ତ ହୋଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

***BBSR***

## ରାଜ୍ୟ ବିଧାନସଭା ଭଙ୍ଗ

ରାଜ୍ୟପାଳ ରଘୁବର ଦାସ ଆଜି ୧୬ତମ ଓଡ଼ିଶା ବିଧାନସଭାକୁ ଭଙ୍ଗ କରିଛନ୍ତି । ଏ ନେଇ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହା ପୂର୍ବରୁ  ବିଜେଡି ସରକାରର ପଞ୍ଚମ ପାଳିର ଶେଷ କ୍ୟାବିନେଟ୍ ବୈଠକ ଆଜି ଭୁବନେଶ୍ୱରର ଲୋକସେବା ଭବନରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତରେ ଆଭାସୀ ଜରିଆରେ ଅନୁଷ୍ଠିତ ଏହି ରାଜ୍ୟ କ୍ୟାବିନେଟର ଶେଷ ବୈଠକରେ ଓଡ଼ିଶା ବିଧାନସଭା ଭଙ୍ଗ ପାଇଁ ରାଜ୍ୟପାଳଙ୍କୁ ସୁପାରିଶ କରାଯାଇଥିଲା । ନୂଆ ସରକାର ଗଠନ ହେବା ପୂର୍ବରୁ ବିଧାନସଭା ଭାଙ୍ଗିବା ବିଧି ରହିଥିବାରୁ ଆଜିର ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।

***Desk***

## ଟୋଲ୍ ଟିକସ ହାର ବୃଦ୍ଧି

ଦେଶରେ ପ୍ରଚଳିତ ଟୋଲ୍ ଟିକସ ହାର ବୃଦ୍ଧି ପାଇଛି । ପୂର୍ବରୁ ଜାତୀୟସ୍ତରରେ ଟୋଲ୍ ଟିକସ ହାର ୩ ପ୍ରତିଶତ ଥିବା ବେଳେ ଆଜିଠାରୁ ଏହା ୫ ପ୍ରତିଶତକୁ ବୃଦ୍ଧି ପାଇଛି । ସାରା ଦେଶରେ ଥିବା ୧ ହଜାର ଶହେଟି ଟୋଲ ପ୍ଲାଜାରେ ଏହି ବର୍ଦ୍ଧିତ ଟିକସ ହାର ଲାଗୁ କରାଯାଇଛି । ବିଭିନ୍ନ ଶ୍ରେଣୀର ଯାନ କ୍ଷେତ୍ରରେ ଟିକସ ହାର ସର୍ବନିମ୍ନ ୫ରୁ ସର୍ବାଧିକ ୨୫ ପ୍ରତିଶତ ହାରରେ ଦେବାକୁ ପଡ଼ିବ । ରାଷ୍ଟ୍ରୀୟ ରାଜପଥ ପ୍ରାଧିକରଣର ସୂଚନା ଅନୁଯାୟୀ, ହାଲୁକା ଯାନ ଉପରେ ଅତିରିକ୍ତ ୫

ଟଙ୍କା  ଏବଂ ବ୍ୟବସାୟିକ ଯାନ ଉପରେ ୫ରୁ ୨୦ ଟଙ୍କା ଅତିରିକ୍ତ ଟୋଲ୍ ଲାଗୁ କରାଯାଇଛି । ସୂଚନା ଅନୁଯାୟୀ, ୨୦୧୮-୧୯ ଆର୍ଥିକ ବର୍ଷରେ ଟୋଲ୍ ଟିକସ ବାବଦରେ ୨୫ ହଜାର ୨୦୦ କୋଟି ଟଙ୍କା ଆଦାୟ ହୋଇଥିଲା । ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ପରିମାଣ ୫୪ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

***Desk***

## ଓଜେଇଇ ପରୀକ୍ଷା ଫଳ ପ୍ରକାଶ

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା - ଓ.ଜେ.ଇ.ଇ. ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ଏଥିରେ ବି. ଫାର୍ମାରେ ସାଗରିକା ଦାଶ, ଏମ୍.ବି.ଏ. ରେ ସୂର୍ଯ୍ୟକାନ୍ତ ପୃଷ୍ଟି, ଏମ୍. ଫାର୍ମାରେ ପଦ୍ମାଳୟ ମିଶ୍ର ଓ ଏଲ୍.ଇ.ଟେକ୍ ଡିପ୍ଲୋମାରେ ବିଲ୍‌ଟୁ ମଣ୍ଡଳ ଟପ୍ପର ହୋଇଛନ୍ତି ।

ଏଥିଲାଗି ଗତମାସ ମେ’ ୬ ତାରିଖରୁ ୧୦ ତାରିଖ ଯାଏଁ ପରୀକ୍ଷା କରାଯାଇଥିଲା । ଚଳିତ ବର୍ଷ ୬୫ ହଜାର ୭୪୨ ଜଣ ଛାତ୍ରଛାତ୍ରୀ ଓଜେଇଇ ପରୀକ୍ଷା ଦେଇଥିବା ବେଳେ ୫୬ ହଜାର ୪୭ ଜଣ ପରୀକ୍ଷାର୍ଥୀଙ୍କୁ ରାଙ୍କ କାର୍ଡ ମିଳିଥିବା ସୂଚନା ମିଳିଛି । ଛାତ୍ରଛାତ୍ରୀମାନେ ସେମାନଙ୍କ ପରୀକ୍ଷାଫଳ **ojee.nic.in** ଓ **odishajee.com** ୱେବସାଇଟ୍‌ରେ ଦେଖିପାରିବେ ।

*Kandhamal*

## ଡାକ୍ତର ଅପହରଣ

ମାଲକାନଗିରି ଜିଲ୍ଲା କାଲିମେଳାରୁ ଅପହୃତ ହୋଇଥିବା ଡକ୍ଟର ଅମ୍ଲାନ ଭୋଇଙ୍କୁ ସୁରକ୍ଷିତ ଫେରାଇ ଆଣିବା ପାଇଁ ତାଙ୍କ ପରିବାର ଲୋକ ଆଜି ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ସାକ୍ଷାତ କରି ନିବେଦନ କରିଛନ୍ତି। ଡକ୍ଟର ଅମ୍ଲାନଙ୍କ ଘର କନ୍ଧମାଳ ଜିଲ୍ଲା ଟିକାପାଲି ଥାନା ଅନ୍ତର୍ଗତ ଭୋଇ ସାହିର ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଭୋଇଙ୍କୁ ଗତ ଶନିବାର ବିଳମ୍ବିତ ରାତିରେ ଅପହରଣ କରାଯାଇଥିବାର ଅଭିଯୋଗ ହୋଇଥିଲା।

*Desk*

## ବିଶ୍ୱ ସାଇକେଲ ଦିବସ

ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରକ୍ଷା ଏବଂ ପରିବେଶ ସଂରକ୍ଷଣ ନିମନ୍ତେ ସାଇକେଲ ଚାଳନାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ସାଇକେଲ ଦିବସ ପାଳିତ ହେଉଛି । ସୁସ୍ଥ ଜୀବନଶୈଳୀ ଏବଂ ପ୍ରଦୂଷଣମୁକ୍ତ ପରିବେଶ ବିକାଶରେ ସାଇକେଲ ଚାଳନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜାତିସଂଘ ସାଧାରଣ ସଭାରେ ୨୦୧୮ ମସିହାରୁ ପ୍ରତିବର୍ଷ ଜୁନ୍ ୩ ତାରିଖକୁ ବିଶ୍ୱ ସାଇକେଲ ଦିବସ ରୂପେ ପାଳନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି **ସାଇକେଲ ଚାଳନା ମାଧ୍ୟମରେ ସ୍ୱାସ୍ଥ୍ୟ, ସମାନତା ଏବଂ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ।**

*MET*

# ପାଣିପାଗ

ଓଡ଼ିଶାକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଆସନ୍ତା ୪ରୁ ୫ ଦିନ ମଧ୍ୟରେ ପ୍ରବେଶ କରିବା ପାଇଁ ପାଗ ଅନୁକୂଳ ଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ରାଜ୍ୟର କେତେକ ଅଞ୍ଚଳରେ ଗତକାଲି କାଳବୈଶାଖୀ ବର୍ଷା ହୋଇଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ନୟାଗଡ଼, ଗଞ୍ଜାମ, ଗଜପତି, କଳାହାଣ୍ଡି, ଖୋର୍ଦ୍ଧା, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ କନ୍ଧମାଳ ଜିଲ୍ଲାର କେତେକ ସ୍ଥାନରେ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୬ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ଥିବା ଯୋଗୁଁ ତାପମାତ୍ରା ସାମାନ୍ୟ ହ୍ରାସ ପାଇବା ନେଇ ଅନୁମାନ କରାଯାଇଛି।

ଅନ୍ୟପକ୍ଷରେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗତକାଲି ଟିଟିଲାଗଡ଼ରେ ସର୍ବାଧିକ ଦିନ ତାପମାତ୍ରା ୪୨ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା।